# ବାସଗୃହର ଶୁଭାଶୁଭ ସୂଚନା

ପଣ୍ଡିତ ଗୁଣନିଧି ମହାପାତ୍ର

ବ୍ରହ୍ମପୁତ୍ର ଦେବଶିଳ୍ପୀ ବିଶ୍ୱକର୍ମା ଶିଳ୍ପ ଶାସ୍ତ୍ର ତଥା ସମସ୍ତ ପ୍ରକାରର ବୈଷୟିକ ବିଜ୍ଞାନର ମୂଳ ସ୍ରଷ୍ଟା ଅଟନ୍ତି । କଳ-କାରଖାନା, ମନ୍ଦିର, ମଣ୍ଡପ, ପୁଷ୍କରିଣୀ, କୂପ, ଯାନ, ଗୃହାଦି ନିର୍ମାଣ ସମ୍ପର୍କରେ ଭାରତର ବିଭିନ୍ନ ଭାଷାରେ ଏହି ଶାସ୍ତ୍ର ସମ୍ବନ୍ଧରେ ଅନେକ ଗ୍ରନ୍ଥ ପ୍ରକାଶିତ ହୋଇଥିବା ଜଣାଯାଏ । ସେହି ଶିଳ୍ପ ଶାସ୍ତ୍ରରୁ ସଂଗ୍ରହ କରି ନିମ୍ନରେ କେତେକ ଗୃହାରମ୍ଭ ପ୍ରବେଶ ଆଦି ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଉଛି ।

**ଗୃହାରମ୍ଭେ ମାସଫଳ :** ବୈଶାଖ ମାସରେ ଗୃହାରମ୍ଭ କଲେ ଧନରତ୍ନ ଲାଭ, ଜ୍ୟେଷ୍ଠରେ ମୃତ୍ୟୁବତ୍ ପୀଡ଼ା, ଆଷାଢ଼ରେ ଧନଧାନ୍ୟ ଓ ପଶୁ ସଂପଦ ବୃଦ୍ଧି, ଶ୍ରାବଣରେ ଭୂମିଲାଭ, ଭାଦ୍ରବରେ ବିଭିନ୍ନ ପ୍ରକାରେ କ୍ଷତି, ଆଶ୍ୱିନରେ ଗୃହିଣୀ ପୀଡ଼ା, କାର୍ତ୍ତିକରେ ଧନଧାନ୍ୟ ବୃଦ୍ଧି, ମାର୍ଗଶିରେ ବିତ୍ତଲାଭ, ପୌଷରେ ଚୌର ଭୟ, ମାଘରେ ଅଗ୍ନି ବିପ୍ଳାତ, ଫାଲ୍‌ଗୁନରେ ମୂଲ୍ୟବାନ ଧାତୁ ଲାଭ ଓ ପରିବାର ବୃଦ୍ଧି, ଚୈତ୍ରରେ ଦୁଃଖଶୋକ ।

**ବାରଫଳ :** ରବିବାରେ ଗୃହ ଆରମ୍ଭ କଲେ ଅଗ୍ନି ବିପ୍ଳାତ, ସୋମବାରେ ଶତ୍ରୁବୃଦ୍ଧି ଓ କଳହ, ଶନିବାରେ ପୀଡ଼ନ, ମଙ୍ଗଳବାରେ ଗୃହ ଧ୍ୱଂସ ହୁଏ । ଏହି ବାରଗୁଡ଼ିକୁ ଛାଡ଼ି ଅନ୍ୟବାରଗୁଡ଼ିକ ଶୁଭ ଅଟେ ।

**ତିଥିଫଳ :** ପ୍ରତିପଦରେ ଗୃହାରମ୍ଭେ ଦୁଃଖ ଦୁର୍ଦ୍ଦଶା, ଷଷ୍ଠୀରେ ଧନହାନି, ୫ମୀରେ ଚିତ୍ତଭ୍ରମ, ଦଶମୀରେ ଚୋର ଡକାଏତ ଭୟ, ଏକାଦଶୀରେ ରାଜଭୟ, ପୂର୍ଣ୍ଣିମାରେ ସ୍ତ୍ରୀ ନାଶ, ଅମାବାସ୍ୟାରେ ସ୍ଥାନ ନାଶ, ଚତୁର୍ଥୀ, ନବମୀ ଏବଂ ଚତୁର୍ଦ୍ଦଶୀରେ ପ୍ରତ୍ୟେକ କାର୍ଯ୍ୟରେ ବିଫଳତା ଲାଭ । ଏଣୁ ଦ୍ୱିତୀୟା, ତୃତୀୟା, ସପ୍ତମୀ, ଅଷ୍ଟମୀ ଓ ତ୍ରୟୋଦଶୀମାନଙ୍କରେ ଗୃହାରମ୍ଭ ଶୁଭପ୍ରଦ ଅଟେ ।

**ଶୁଭ ରାଶି ନକ୍ଷତ୍ର :** ତୁଳା, କର୍କଟ, ମେଷ, ମିଥୁନ, ବିଛା ଓ କୁମ୍ଭମାସ । ହସ୍ତା, ଚିତ୍ରା, ରୋହିଣୀ, ମୃଗଶିରା, ଜ୍ୟେଷ୍ଠା, ଧନିଷ୍ଠା, ଉତ୍ତରାଫାଲ୍‌ଗୁନୀ, ଉତ୍ତରାଷାଢ଼ା, ଉତ୍ତର ଭାଦ୍ରପଦ, ରେବତୀ, ଶ୍ରବଣା, ମଘା, ଅନୁରାଧା ଓ ପୁଷ୍ୟା ନକ୍ଷତ୍ରଗୁଡ଼ିକ ଗୃହାରମ୍ଭେ ଶୁଭ ଅଟନ୍ତି ।

**ଗୃହ ପ୍ରବେଶ ଦିନ ନିର୍ଣ୍ଣୟ :** ଜ୍ୟେଷ୍ଠା ଓ ପୁନର୍ବସୁ ନକ୍ଷତ୍ର ବ୍ୟତୀତ ଗୃହାରମ୍ଭରେ ଦର୍ଶାଯାଇଥିବା ତିଥି, ବାର, ମାସ ପ୍ରଭୃତି ପ୍ରବେଶ ନିମନ୍ତେ ଶୁଭପ୍ରଦ । ଗୃହପ୍ରବେଶ ପୂର୍ବରୁ ସେହି ଗୃହ ମଧ୍ୟେ ରବି, ସୋମ, ବୁଧ, ଗୁରୁ କିମ୍ବା ଶୁକ୍ରବାରେ ଶୁଭତିଥି, ଯୋଗ, କରଣରେ

ଓ ଚିତ୍ରା, ଅନୁରାଧା, ମୃଗଶିରା, ରେବତୀ, ପୁଷ୍ୟା, ଅଶ୍ୱିନୀ, ହସ୍ତା, ଉତ୍ତରାଫାଲ୍‌ଗୁନୀ, ଉତ୍ତରାଷାଢ଼ା, ଉତ୍ତର ଭାଦ୍ରପଦ ଓ ରୋହିଣୀ ନକ୍ଷତ୍ରରେ ହୋମ-ଯଜ୍ଞାଦି ଶାନ୍ତି ସ୍ୱସ୍ତୟନ କରି ତତ୍ପରେ ପ୍ରବେଶ କରିବାକୁ ହୋଇଥାଏ ।

**ଶୁଭାଶୁଭ ଦିବସ ନିର୍ଣ୍ଣୟ :** ଗୃହାରମ୍ଭ ଓ ଗୃହ ପ୍ରବେଶ ଶୁଭ ଦିନରେ ଗୃହକର୍ତ୍ତାର ରାଶି ନକ୍ଷତ୍ର ଓ ରବି ଶୁଦ୍ଧିରେ, ଦିବସ ବେଳା ଓ ଶୁଭବେଳା ଯୋଗ, କରଣ ସହିତ ଉପରୋକ୍ତ ଶୁଭ ମାସ, ବାର, ତିଥି, ରାଶି, ନକ୍ଷତ୍ରାଦିରେ ଗୃହାରମ୍ଭ ଓ ପ୍ରବେଶ କରାଯିବା ଉଚିତ ।

**ଗୃହବୃଦ୍ଧି ଫଳାଫଳ :** ପୁରାତନ ହେଉ କିମ୍ବା ଅଳ୍ପ କେତେ ବର୍ଷ ପୂର୍ବେ ନିର୍ମିତ ଗୃହ ହେଉ, ଏହି ଗୃହର ପୂର୍ବକୁ ଗୃହ ବୃଦ୍ଧି କଲେ ଶୁଭପ୍ରଦ ହୁଏ । ଉତ୍ତର ଦିଗକୁ କଲେ ଧନଗନ୍ଧ ବୃଦ୍ଧି, ଦକ୍ଷିଣ ଦିଗକୁ କଲେ ଗୃହକର୍ତ୍ତାର ଆୟୁଷ ହାନି, ପଶ୍ଚିମକୁ କଲେ ଦରିଦ୍ର ହୁଏ ।

**ଅନ୍ୟାନ୍ୟ ଶୁଭାଶୁଭ ନିର୍ଣ୍ଣୟ :** ଗୃହର ଉତ୍ତର ଦିଗ ଓ ଐଶାନ୍ୟ କୋଣରେ ଜଳାଶୟ ଥିଲେ ଶୁଭ । ଅନ୍ୟ ଦିଗମାନଙ୍କରେ ଜଳାଶୟ ରହିବା ହାନିକର । ସେହିପରି ଗୃହର ପୂର୍ବପାଖେ ଅଶ୍ୱତ୍ଥ ଗଛ ଥିଲେ ରୋଗ କଷ୍ଟ, ଦକ୍ଷିଣରେ ତେନ୍ତୁଳି ଗଛ ଥିଲେ ଗୃହକର୍ତ୍ତାର ଆୟହାନି, ପଶ୍ଚିମରେ ବରଗଛ ଥିଲେ ଗୃହକର୍ତ୍ତାର ଆୟୁହାନି, ପଶ୍ଚିମରେ ବରଗଛ ଥିଲେ ଗୃହିଣୀର କ୍ଷତି, ଉତ୍ତରରେ ଡିମ୍ବିରି ଗଛ ଥିଲେ ଶତ୍ରୁଭୟ, ଐଶାନ୍ୟ କୋଣେ ରକ୍ତପୁଷ୍ପର ଗଛଥିଲେ ଅଗ୍ନିଭୟ, ଅଗ୍ନିକୋଣରେ କ୍ଷୀର ବୃକ୍ଷ ଥିଲେ ଅଶାନ୍ତି, ବାୟୁ କୋଣରେ ଶିମୁଳି ଗଛ ଥିଲେ ଭ୍ରାତୃବିବାଦ, ନୈଋତ କୋଣରେ କଣ୍ଟା ଗଛ ଥିଲେ ଚୌରଭୟ ହୋଇଥାଏ । ଗୃହର ଯେ କୌଣସି ପାର୍ଶ୍ୱରେ ବେଲ, ଡାଳିମ୍ବ, ନଡ଼ିଆ, ପଣସ ସର୍ବଦା ଶୁଭପ୍ରଦ । ଏହାବାଦ ଚମ୍ପା, ଗୋଲାପ, କଦଳୀ, ମଲ୍ଲୀ, କେତକୀ, ବକୁଳ, ଅଶୋକ, ନାଗେଶ୍ୱର, ଶମୀବୃକ୍ଷ ଗୃହ ନିକଟରେ ଥିଲେ ଶୁଭପ୍ରଦ ।

**ଗୃହ ନିର୍ମାଣ ପାଇଁ ନିଷିଦ୍ଧ ସ୍ଥାନ :** ଶିବ, ବିଷ୍ଣୁ ଓ ସୂର୍ଯ୍ୟ ମନ୍ଦିରର ସମ୍ମୁଖରେ, ବ୍ରହ୍ମାଙ୍କ ମନ୍ଦିରର ପାର୍ଶ୍ୱଭାଗରେ, ଜୈନ ଓ ବୌଦ୍ଧ ମନ୍ଦିରର ପଛ ଭାଗରେ, ଦେବୀ ମନ୍ଦିରର ଯେ କୌଣସି ଭାଗରେ ଗୃହ ନିର୍ମାଣ ଶୁଭପ୍ରଦ ନୁହେଁ ।

**ଗୃହ ମଧ୍ୟେ ଭାଗ ନିର୍ଣ୍ଣୟ :** ଗୃହ ମଧ୍ୟରେ ଐଶାନ୍ୟ ପାଖେ ଦେବତା ଗୃହ, ଅଗ୍ନି କୋଣରେ ପାକଶାଳା, ନୈଋତ କୋଣରେ ମଳମୂତ୍ରାଦି ଗୃହ, ବାୟବ୍ୟ କୋଣରେ ଭଣ୍ଡାର ଘର, ଦକ୍ଷିଣ ଦିଗରେ ଶୟନ ଗୃହ, ଉତ୍ତର ଦିଗରେ ବୈଠକୀ ଗୃହ, ପୂର୍ବ ଭାଗରେ ଅଧ୍ୟୟନ ଗୃହ ଓ ପଶ୍ଚିମ ଭାଗରେ ଭୋଜନଶାଳା, ଅତିଥି ଗୃହ ରଖିବ । ଗୃହର ପଶ୍ଚିମରେ ପଶୁ ଗୃହ ରହିବା ଉଚିତ ।